# Akashvani, Sambalpur

## SAMBALPURI NEWS MORNING BULLETIN

## 6 August 2026 - 6.47- 6.52 am.

---

ନିବେଶକ୍ ସମ୍ମିଳନୀ        ଭୁବନେଶ୍ୱର୍ ସମ୍ବାଦଦାତା

ନୂଆଦିଲ୍ଲୀ ଆଉ ଗୁଡ଼୍‌ଗାଓଁ ଠାନେ ଆଏଜ୍ ଠାନୁ ଓଡ଼ିଶା ନିବେଶକ୍ ସମ୍ମିଳନୀ ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ସମ୍ମିଳନୀଥି ଯୋଗ୍ ଦେବେ । ସମ୍ମିଳନୀ ନ ରାଏଜେ ନୂଆଁ ପୁଞ୍ଜିନିବେଶ୍ ଲାଗି ଶିଳ୍ପପତି ମାନ୍‌କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇଥି ସରକାର୍‌ଙ୍କର୍ ଶିଳ୍ପ ଅନୁକୂଳ ନୀତି ବାବ୍‌ଦେ ତଥ୍ୟ ରଖାଯିବା । ସମ୍ମିଳନୀ ନ ଖାଦ୍ୟ ପ୍ରକ୍ରିୟାକରଣ୍, ବୟନଶିଳ୍ପ, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍ ଆଉ ପର୍ଯ୍ୟଟନ୍ କ୍ଷେତ୍ରଥି ନିବେଶ୍ ଲାଗି ଅଏତ୍‌କା ଜୋର୍ ଦିଆଯିବା ।

ଇତାର୍‌ସହେତେ ଦିଲ୍ଲୀ ନ ଆଏଜ୍‌ଠାନୁ ଆସୋଚାମ୍ ସହଯୋଗ୍‌ଥି ରାଜ୍ୟ ସରକାର୍‌ଙ୍କର୍ ନିବେଶ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ୍- ଓଡ଼ିଶା

ଫୁଡ୍ ପ୍ରୋ -୨୦୨୬ ଭିଲ୍ ମୁଲ୍ ହେବା । ଇଥି ରାଜ୍ୟର୍ ଖାଦ୍ୟ ପ୍ରକିୟାକରଣ୍ ଶିଳ୍ପଥି ରହିଥିବା ସମ୍ଭାବନାକେ ନିବେଶକ୍ମାନ୍କର୍ ଆଗାଡ଼େ ଉପସ୍ଥାପନ୍ କରାଯିବା । ଓଡ଼ିଶାର୍ ଖାଦ୍ୟ ପ୍ରକ୍ରିୟାକରଣ୍ କ୍ଷେତ୍ରଥି ସମ୍ଭାବନାକେ ନେଇକରି ଗୁଟେ ଜ୍ଞାନ ରିପୋର୍ଟ ଭିଲ୍ ଉନ୍ମୋଚନ୍ କରାଯିବା ।

ବ୍ରିକ୍ସ ଶିକ୍ଷାମନ୍ତ୍ରୀ       ଆଇ ଆଣ୍ଡ୍ ପି.ଆର୍

ଚଲ୍ତିବଛର୍ ଭାରତ୍ ବ୍ରିକ୍ସ ରାଷ୍ଟ୍ରମାନ୍କର୍ ଅଧ୍ୟକ୍ଷତା କରୁଥିବାର୍ ବେଲେ ଭୁବ୍ନେଶ୍ୱର୍ ନ ୧୩ ନମ୍ବର୍ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନ୍କର୍ ବୈଠକ୍ ଗଲାକାଏଲ୍ନୁ ମୁଲ୍ ହେଇଛେ । ଶିକ୍ଷା ମନ୍ତ୍ରଣାଲୟ ତର୍ଫୁ ଆୟୋଜିତ୍ ଇ ୩ ଦିନିଆ ବୈଠକ୍ ଲାଗି ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ପ୍ରତିନିଧିମାନେ ଭୁବ୍ନେଶ୍ୱର୍ ପୁହୁଁଚିସାରିଛନ୍ । ଆଏବା କାଏଲ୍ ହେବାର୍କେ ଥିବା ଶିକ୍ଷାମନ୍ତ୍ରୀମାନ୍କର୍ ମୁଖ୍ୟ ବୈଠକ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀ ଅଧ୍ୟକ୍ଷତା କର୍ବେ । ବ୍ରାଜିଲ୍, ଋଷ୍, ଚୀନ୍, ଭାରତ୍ ଆଉ ଦକ୍ଷିଣ୍ ଆଫ୍ରିକା ସହେତେ ନୂଆଁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ପ୍ରତିନିଧିମାନେ ଇଥି ଭାଗ୍ ନେବେ । ବୈଠକ୍ଥି

‘ଲୋକକୈନ୍ଦ୍ରିକ୍ ଆଉ ମାନବତା ପ୍ରଥମ’ ଆଭିମୁଖ୍ୟ ଜରିଏ ଶିକ୍ଷା କ୍ଷେତ୍ରଥି ସହଯୋଗ୍, ଷ୍ଟାର୍ଟଅପ୍ ଆଉ ଉଭାବନ୍‌କେ ପ୍ରୋତ୍ସାହନ୍ ବାଗିର୍ ଭିନ୍ ଭିନ୍ ଦିଗ୍ ଉପରେ ଆଲୋଚନା କରାଯିବା ।

ସ୍ୱାଧୀନତା ଦିବସ୍ ପ୍ରସ୍ତୁତି        ଆଇ ଆଣ୍ଡ୍ ପି.ଆର୍

ରାଜ୍ୟସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ୍ ପାଲନ୍‌କେ ନେଇକରି ଭୁବ୍‌ନେଶ୍ୱର୍ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ହେମନ୍ତ ଶର୍ମା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ସ୍ୱାଧୀନତା ଦିବସ୍ ପାଲନ୍‌ର ସବୁ କାର୍ଯ୍ୟସୂଚୀ ବାବ୍‌ଦେ ବିବରଣୀ ରଖିଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବେ ।

ଅମୃତ୍ ଉଦ୍ୟାନ୍       ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଭବନ୍ ପରିସର୍ ନ ଥିବା ଅମୃତ୍ ଉଦ୍ୟାନ୍‌କେ ସାଧାରଣ୍ ଲୁକ୍‌କର୍ ଲାଗି ଆଏବା ୧୬ ତାରିଖ୍‌ନୁ ଖୁଲାଯିବା । ସେପ୍ଟେମ୍ବର୍ ୧୫ ତାରିଖ୍‌ତକ୍ ଲୁକେ ସଖାଲର୍ ୧୦ ବଜେନୁ ବେଲ୍‌ବୁଡ଼ର୍ ୬ ବଜେତକ୍ ଉଦ୍ୟାନ୍ ବୁଲିପାର୍‌ବେ । ହେଲେ ଫି’ ସୋମ୍‌ବାର୍ ତାର୍ ଦେଖ୍‌ରେଖ୍ ଲାଗି ଉଦ୍ୟାନ୍‌କେ ବନ୍ଦ୍ ରଖାଯିବା । ଅମୃତ୍ ଉଦ୍ୟାନ୍ ବୁଲ୍‌ବାର୍ ଲାଗି କେନ୍‌ସି ପ୍ରକାର୍ ଦେୟ ଦେବାର୍‌କେ ନାଇଁ ପଡ଼େ ବଲି ରାଷ୍ଟ୍ରପତି ଭବନ୍ ତର୍‌ଫୁ ବାହାରିଥିବା ବିବୃତିଥି କୁହାଯାଇଛେ ।

ପି.ଏମ୍.ଜେ.ୱାଇ ଆଇ ଆଣ୍ଡ ପି.ଆର୍

ରାଜ୍ୟର୍ କେନ୍‌ସର୍ ରୋଗୀମାନ୍‌କୁ ମାହାଲିଆ ଆଉ ଉନ୍ନତ୍ ଚିକିତ୍ସା ଯୁଗେଇ ଦେବାର୍ ଲାଗି ରାଜ୍ୟ ସର୍‌କାର୍ ମୁଖ୍ୟମନ୍ତ୍ରୀ କେନ୍‌ସର୍ କେୟାର୍ ଅଧୀନ୍‌ଥି ଆଉ ୯୧ ଟା ନୂଆଁ ଚିକିତ୍ସା ପେକେଜ୍‌କେ ଆୟୁଷ୍ମାନ୍ ଭାରତ୍ ପି.ଏମ୍.ଜେ.ୱାଇ ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାଥି ସାମିଲ୍ କରିଛନ୍ । ଇତାର୍‌ସହେତେ ରାଏଜେ ମୋଟ୍ ଚିକିତ୍ସା ପେକେଜ୍ ସଂଖ୍ୟା ୨ ହଜାର୍ ୨ ଶହ ୫୪

କେ ବଡ଼ିଛେ । ୨୦୨୬-୨୭ ବଜେଟ୍‌ଥି ଇ ଅଭିଯାନ୍ ଲାଗି ୩ ଶହ ୧୧ କୋଟି ଟଙ୍କା ପ୍ରାବଧାନ୍ କରାଯାଇଛେ । ରାଏଜେ ଆଉ କେନ୍‌ସି କେନ୍‌ସର୍ ରୋଗୀ ହଏରାନ୍ ନାଇଁ ହୁଅନ୍ । ଆଉ ସବୁ ହିତାଧିକାରୀ ଗୁଣାତ୍ମକ୍ ଆଉ ମାହାଲିଆ ସୁପର୍‌ସ୍ପେଶାଲିଟି ଚିକିତ୍ସା ପାଏବେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ୍ ଇ ୯ ଟା ପେକେଜ୍‌କେ ଅନୁମୋଦନ୍ କରିଛେ ଆଉ ସବୁ ତାଲିକାଭୁକ୍ତ ଡାକ୍ତର୍‌ଖାନାମାନ୍‌କୁ ଇ ମାହାଲିଆ ସେବା ଯୁଗେଇ ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ମୁଖ୍ୟ ଶାସନ୍ ସଚିବ      ଆଇ ଆଣ୍ଡ୍ ପି.ଆର୍

ବିକଶିତ୍ ଓଡ଼ିଶା ୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର୍‌ଥି ଜନଜାତି ଯୁଆନ୍ ବର୍ଗଙ୍କୁ ବଡ଼୍ ଭୂମିକା ନେବାର୍‌କେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆହ୍ୱାନ୍ ଦେଇଛନ୍ । ଇଥିର୍‌ଲାଗି ଜନଜାତି ସମ୍ପ୍ରଦାୟକେ ସମାଜ୍‌ର ମୁଖ୍ୟସ୍ରୋତ ସହେତେ ଜୁଡ଼ି କରି ସେମାନ୍‌କର୍ ଲାଗି ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ୍, ଜୀବିକା ଆଉ ରୋଜ୍‌ଗାର୍ ତିଆର୍ ଉପ୍‌ରେ

ତୃଣମୂଲ୍‌ସ୍ତର୍ ନ କାମ୍ କର୍‌ବାର୍‌କେ ସେ କ୍ଷେତ୍ରସ୍ତରୀୟ ଅଧିକାରୀମାନ୍‌କୁ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍, ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଶ୍ରୀମତୀ ଗର୍ଗ ଇଟା କହିଛନ୍ ।

ହିରୋସିମା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁର୍‌ଥି ନ ପହେଲା ପରମାଣୁ ବୋମା ଆକ୍ରମଣ୍ ଘଟ୍‌ନାକେ ସୁର୍‌ତା କରିକରି ଆଏଜ୍ ହିରୋସିମା ଦିବସ୍ ପାଲନ୍ କରାଯାଉଛେ । ୧୯୪୫ ମସିହା ଅଗଷ୍ଟ ମାସର୍ ୬ ତାରିଖ୍ ୨ ନମ୍ବର୍ ବିଶ୍ୱଯୁଦ୍ଧ ଚାଲିଥିଲା ବେଲ୍‌କେ ଆମେରିକା ଜାପାନ୍‌ର ହିରୋସିମା ସହର୍ ଉପ୍‌ରେ ପରମାଣୁ ବୋମା ମାଡ଼୍ କରିଥିଲା । ଲିଟିଲ୍ ବୟ କୁହାଯାଉଥିବା ଇ ପରମାଣୁ ବୋମା ଆକ୍ରମଣ୍‌ଥି ୧ ଲାଖ୍ ୪୦ ହଜାର୍ ଲୁକ୍‌କର୍ ଜୀବନ୍ ଯାଇଥିଲା । ବୋମାର୍ ଆଣବିକ ବିକିରଣ ଲାଗି ଲାଖ୍ ଲାଖ୍ ଲୋକ୍ ପ୍ରଭାବିତ୍ ହେଇକରି ବିକଲାଙ୍ଗ

ହେଇଥିଲେ । ମାନବ୍ ଇତିହାସ୍‌ଥି ଇ ଘଟ୍‌ନାକେ ସୁର୍‌ତା କରିକରି ଫି’ ବଛର୍ ଅଗଷ୍ଟ ୬ ତାରିଖ୍ ଦିନ ହିରୋସିମା ଦିବସ୍ ପାଲନ୍ କରାଯିବାର୍ ସହେତେ ବିଶ୍ୱ ଶାନ୍ତି ଆଉ ପରମାଣୁ ନିରସ୍ତ୍ରୀକରଣ୍ ଲାଗି ଚେରେଷ୍ଟା ଜାରି ରହିଛେ ।

ନୂଆଁ ଶିକ୍ଷାନୀତି-ଆଲୋଚନାଚକ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ଲର୍କା ସର୍‌କାରୀ ଉଚ ପ୍ରାଥମିକ୍ ବିଦ୍ୟାଳୟ ନ ନୂଆଁ ଶିକ୍ଷାନୀତି ୨୦୨୦ ଉପ୍‌ରେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଇତାର୍‌ସହେତେ ପରିଚାଳନା କମିଟିର୍ ନୂଆଁ ସଭାପତିଙ୍କର୍ ସହେତେ ୨୫ ଝନ୍ ସଭ୍ୟଙ୍କୁ ମନୋନୀତ୍ କରାଯାଇଛେ । ଶିକ୍ଷା ବ୍ୟବସ୍ଥା ଉପ୍‌ରେ ପରିଚାଳନା କମିଟି ଆଉ ଅଭିଭାବକ୍ ମାନ୍‌କର୍ ଭୂମିକା ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ସାମାଜିକ୍ ଦକ୍ଷତା, ତଥ୍ୟଭିତିକ୍ ଶିକ୍ଷାଦାନ୍ ପଦ୍ଧତିର୍ ପ୍ରୟୋଗ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଛେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଆଉ ତାର୍ ପାଖର୍ ଆନ୍ଧ୍ର ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ଆଏବା ୬ ଦିନ୍ ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ କେନ୍ଦୁଝର୍ ଆଉ ମୟୁର୍ଭଞ୍ଜ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍ ବେଲେ ରାଜ୍ୟର୍ ବାକି ସବୁ ଜାଗା ମାନ୍କେ ଜବର୍ ବର୍ଷାକେ ନେଇକରି କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ନୁ ଆଏଜ୍ ସଖାଲର୍ ୬ ବଜେତକ୍ ୮ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।